# କରୁଣାର ସିନ୍ଧୁ

ସାଇ କରୁଣାମୟ। ଦୟାର ସାଗର। ତାଙ୍କୁ ଯିଏ ଅନନ୍ୟ ଚିତ୍ତରେ ଡାକିଛି, ଆରାଧନା କରିଛି, ବାବା କାୟା ମନୋବାକ୍ୟରେ ଭକ୍ତର ଗୁହାରୀର ଉତ୍ତର ଦେଇଛନ୍ତି। ସଦ୍‌ଗୁରୁ ସାଇବାବାଙ୍କ ଚରଣରେ ସର୍ବାନ୍ତକରଣରେ ନିଜକୁ ସମର୍ପଣ କରିଦେଲେ ଦୁଃଖ, କ୍ଲେଶ, ଶୋଚନା ସବୁକିଛି ଆପଣଛାଏଁ ଦୂର ହୋଇଯାଏ। ଏ ଧାରଣା ମୋର ରହିଛି।

ଦିନକର ଘଟଣା। ରବିବାର। ମୁଁ ମୋର ଝିଅ ବୁଲାବୁଲି କରୁଥିବା ବେଳେ ଶିରିଡ଼ି ସାଇ ମନ୍ଦିରରେ ଅଟକି ଗଲୁ। ଖୁବ୍ ନିରୋଳା ସ୍ଥାନ ଦେଖି ବହୁତ ଭଲ ଲାଗିଲା। କେହି ଲୋକବାକ ପାଖରେ ମଧ୍ୟ ନ ଥାନ୍ତି। କିଛି ସମୟ ପରେ ବାବାଙ୍କ ମନ୍ଦିର ଖୋଲିଲା। ମା' ଝିଅ ଦୁହେଁ ବାବାଙ୍କୁ ପ୍ରଣାମ କରି ସାରିବା ପରେ ପୁଣି ସେଠାରେ ବସି ରହିଲୁ। କାହିଁକି କେଜାଣି ପ୍ରଥମ ଦେଖାରେ ବାବାଙ୍କ ପ୍ରତି ଆମର ଅହେତୁକ ଆକର୍ଷଣ ବୃଦ୍ଧି ପାଇଲା। ମନରେ ସରସତା ଭରିଗଲା। ସବୁଦିନ ବାବାଙ୍କ ପାଖକୁ ଯିବାକୁ ପ୍ରବଳ ଇଚ୍ଛା ଜାଗ୍ରତ ହେଲା। ହେଲେ ସମୟ ନ ଥିବାରୁ ମନ ଦୁଃଖରେ ଭରିଗଲା। ତା'ପରେ ଶୁଣିବାକୁ ପାଇଲି ବାବାଙ୍କର ଶେଷ ଆଳତୀ (ଶେଯ ଆରତୀ)ର ସମୟ ରାତି ୯ଟା। ସେହିଦିନଠାରୁ ମୁଁ ଓ ମୋର ଝିଅ ପ୍ରତିଦିନ ଶେଯ ଆରତୀରେ ଭାଗନେବା ସହ ଅପାର ଆନନ୍ଦ ଅନୁଭବ କରିବାକୁ ଲାଗିଲୁ।

ଦିନେ ମନ୍ଦିର ଭିତରେ ଭୋଜି ହେଉଥାଏ। ଆଳତୀ ପରେ ୯.୩୦ ବେଳକୁ ମୁଁ ଘରକୁ ଆସିବା ପାଇଁ ବାହାରିଥାଏ, ଜଣେ ବୃଦ୍ଧ ମୋତେ ଦେଖି କହିଲେ "ମା' କିଛି ଖାଇବାକୁ ଦେବ।"

ମୁଁ ଭାବିଲି ଭୋଜି ହେଉଛି ସମସ୍ତେ ପତ୍ର ପକାଇ ଖାଉଛନ୍ତି, ଅଥଚ ଏ ବୃଦ୍ଧ ଜଣକ ମୋତେ ଖାଇବାକୁ ମାଗୁଛନ୍ତି। ମୁଁ ମଧ୍ୟ ଭୋଜିକୁ ନିମନ୍ତ୍ରିତ ହୋଇଥାଏ। ମୁଁ ଭୋଜିରେ ଯୋଗ ନ ଦେଇ କହିଲି "ଆପଣ ମୋ ଘରକୁ ଆସନ୍ତୁ, ମୁଁ ଖାଇବାକୁ ଦେବି।"

ବୃଦ୍ଧ ଜଣକ କହିଲେ- "ମୁଁ ଆଦୌ ଚାଲିପାରିବି ନାହିଁ। ଆପଣ ଯଦି ମୋତେ ଏଇଠି ଗଣ୍ଡାଏ ଖାଇବାକୁ ଦେବେ, ତେବେ ମୁଁ ଖାଇଦେବି।"

ବୃଦ୍ଧ ଜଣଙ୍କର ଏଭଳି ଅବସ୍ଥା ଦେଖି ମୁଁ ଆପଣ ଏଇଠି ଥା'ନ୍ତୁ। ମୋ ଘରେ ଯାହା ଭାତ ତରକାରୀ ଥିବ ନେଇ ଆସୁଛି କହି ମୁଁ ଏକା ନିଃଶ୍ୱାସକେ ଘରକୁ ଧାଇଁଲି ଓ ରାତ୍ରୀ ଭୋଜନ ପାଇଁ ଯାହା ହୋଇଥାଏ, ତାକୁ ଧରି ବୃଦ୍ଧଙ୍କ ନିକଟକୁ ଫେରି ଆସିଲି। ତାଙ୍କ ହାତକୁ ଏସବୁ ବଢ଼ାଇ ଦେଲା ବେଳକୁ ସମୟ ପାଖାପାଖି ରାତି ୧୦ଟା। ମୁଁ ହାତଧୋଇ ଫେରି ଆସିଲା ବେଳକୁ ବୃଦ୍ଧ ଜଣକ ଆଉ ନାହାନ୍ତି। ଆଖପାଖରେ ଖୋଜାଖୋଜି କଲି ହେଲେ କେଉଁଠି ଦେଖିବାକୁ ମିଳିଲେନି। ସେହି ଦିନଠାରୁ ବାବାଙ୍କ ପ୍ରତି ମୋର ପ୍ରଗାଢ଼ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇଲା।

ଅନ୍ୟ ଏକ ଦିନର ଘଟଣା। ସେଦିନ ରାତିରେ ମୋର ପଇସାର ଆବଶ୍ୟକତା ଥାଏ। ପାଖରେ ଟଙ୍କାଟିଏ ନ ଥାଏ। ମୁଁ ମୋର ଭଣଜାକୁ ନେଇ ଏଟିଏମ୍‌ରୁ ପଇସା ଧରି ବାଟରେ ଆସିଲା ବେଳକୁ ବାଟରେ ବାବାଙ୍କ ମନ୍ଦିର ପଡ଼ିଲା। ମୁଁ ଯାଇ ବାବାଙ୍କୁ ପ୍ରଣାମ କରି ସାରିବା ପରେ କାହିଁକି କେଜାଣି ସବୁ ପଇସା ବାବାଙ୍କ ପାଦତଳେ ରଖି ପୁଣି ନେଇ ଆସିଲି। ଠିକ୍ ତାର ୨୧ ଦିନ ପରେ ମୋର ଦରମା ରିଭାଇଜ୍ ହୋଇ ଆସିଲା। ଯେତିକି ଟଙ୍କା ବାବାଙ୍କ ପାଦତଳେ ରଖିଥିଲି ତା'ଠାରୁ ଦୁଇଟଙ୍କା ଅଧିକ ଥିଲା।

ମୋ ଝିଅ ଲୁସିର ମଧ୍ୟ ବାବାଙ୍କ ପ୍ରତି ପ୍ରବଳ ଭକ୍ତି ଓ ସେ ମଧ୍ୟ ପ୍ରତ୍ୟେକ ଦିନ ଶେଯ ଆଳତୀରେ ମୋ ସହିତ ମନ୍ଦିରକୁ ଯାଏ। ସ୍କୁଲରେ କୌଣସି ଦୁଷ୍ଟାମୀ କାରଣରୁ ଝିଅ ଲୁସିକୁ ତାଙ୍କ ମାଡାମ୍ ନିଲ୍ ଡାଉନ୍ କରି ରାଗରେ ତାକୁ ଆଗ ସିଟ୍‌ରୁ ନେଇ ପଛସିଟ୍‌ରେ ବସାଇଲେ। ସେ ଟିକେ ଗେଡ଼ା ହୋଇଥିବାରୁ ତାକୁ ବ୍ଲାକ୍‌ବୋର୍ଡ ଦେଖାଯାଏନି। ସେ ଆସି ସବୁ କଥା ମନ ଦୁଃଖରେ ମୋ ନିକଟରେ କହିଲା। ତା'ର ଅସୁବିଧା ହେଉଥିବାରୁ ସେହି ସ୍କୁଲରେ ଆଉ ପଢ଼ିବନି ବୋଲି ଅଡ଼ି ବସିଲା। ସବୁଦିନ ରୀତିମତ ଘରେ ଝାମେଲା ମଧ୍ୟ କଲା। କ'ଣ କରିବି। ସେ ମ୍ୟାଡାମ୍ କେଉଁଠି ଅଛନ୍ତି, କେମିତି ମିଳିବେ ମନେ ମନେ ଭାବୁଥାଏ।

ହଠାତ୍ ଦିନେ ଶେଯ ଆରତୀ ସାରି ମା' ଝିଅ ଘରକୁ ଫେରୁଥାଉ, ସେଇ ମ୍ୟାଡାମ୍ ଅଟୋରେ ଆସି ମନ୍ଦିରରେ ପହଞ୍ଚିଲେ। ତା'ର ଠିକ୍ ଦଶମିନିଟ୍ ପୂର୍ବରୁ ମନ୍ଦିରରେ ସବୁ ସାଇଭକ୍ତ ସେହି ମ୍ୟାଡାମ୍ ଓ ମୋ ଝିଅ ସଂପର୍କରେ ଆଲୋଚନା କରୁଥାନ୍ତି। ଝିଅ ମୋତେ ସେଇ ମ୍ୟାଡାମ୍ ଜଣଙ୍କୁ ଚିହ୍ନାଇ ଦେଲା। ମ୍ୟାଡାମ୍‌ଙ୍କୁ ମୁଁ କିଛି କହିବା ପୂର୍ବରୁ ସାଇଭକ୍ତମାନେ ମ୍ୟାଡାମ୍‌ଙ୍କୁ କହିଲେ "ଏଇଟିକେ ଆଗରୁ ଆପଣଙ୍କ ବିଷୟରେ ଆଲୋଚନା ଚାଲିଥିଲା। ଏହାର ସମାଧାନ ଆପଣ କରନ୍ତୁ। ମ୍ୟାଡାମ୍ ସଙ୍ଗେ ସଙ୍ଗେ ମନ ପରିବର୍ତ୍ତନ କରିବା ସହ ଆଉ କିଛି ଅସୁବିଧା ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଲେ ଝିଅ ମନ ପ୍ରଫୁଲ୍ଲରେ ଭରିଗଲା।

ଏମିତି ବହୁ ବିପଦଆପଦରେ ବାବା ମୋତେ ସହାୟ ହୋଇଛନ୍ତି। ବାବାଙ୍କ କରୁଣାକୁ ପାଥେୟ କରି ମୋର ଅବଶିଷ୍ଟ ସମୟ ବେଶ୍ ଭଲରେ ଚାଲିବ ବୋଲି ଆଶା ରଖିଛି।

**ଓଁ ଶ୍ରୀସାଇ ଆପଦବାନ୍ଧବାୟ ନମଃ**

**ଶ୍ରୀମତୀ ମମତା ପଣ୍ଡା**
**ଏଲ୍ଆଇଜି-୨, ୧୧/୧**
**ଚନ୍ଦ୍ରଶେଖରପୁର**